# ଆନ୍ଥ୍ରାକ୍ସ ରୋଗ ଓ ଏହାର ପ୍ରତିକାର




**ଆନ୍ଥ୍ରାକ୍ସ ରୋଗ:**

- ଆନ୍ଥ୍ରାକ୍ସ ପଶୁମାନଙ୍କର ଏକ ସଂକ୍ରାମକ ରୋଗ। ଏହା ସ୍ପୋର ସୃଷ୍ଟି କରୁଥିବା ଜୀବାଣୁ ବାସିଲସ୍ ଆନ୍ଥ୍ରାସିସ୍ ଦ୍ୱାରା ହୋଇଥାଏ। ଏହା ଏକ ଜୁନୋଟିକ ରୋଗ, ଅର୍ଥାତ୍ ଏହା ପଶୁଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇପାରେ।
- ପଡ଼ିଆରେ ଚରୁଥିବା ତୃଣଭୋଜି ପଶୁ ଯଥା: ଗୋରୁଗାଈ ଓ ଛେଳିମେଣ୍ଢାଙ୍କ ସହ ହାତୀମାନେ ମଧ୍ୟ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇଥାନ୍ତି। ଆନ୍ଥ୍ରାକ୍ସ ଆକ୍ରାନ୍ତ ଗାଈ ଓ ମେଣ୍ଢାମାନେ ହଠାତ୍ ମରିଯାଇଥାନ୍ତି।
- ଆନ୍ଥ୍ରାକ୍ସ ଆକ୍ରାନ୍ତ ପଶୁମାନଙ୍କ ଠାରେ ଅସୁସ୍ଥତାର କୌଣସି ଲକ୍ଷଣ ନଥାଇ ସେମାନଙ୍କର ମୃତ୍ୟୁ ହୋଇଥାଏ। ମୃତ୍ୟୁ ପୂର୍ବରୁ ଜ୍ୱର, ମାଂସପେଶୀରେ କମ୍ପନ ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହୋଇପାରେ।
- ଜମାଟ ବାନ୍ଧି ନଥିବା ରକ୍ତ ଶରୀରର ଖୋଲା ସ୍ଥାନରୁ ବାହାରିପାରେ ଏବଂ ମୃତ୍ୟୁ ପରେ ଶରୀର କଠିନ ହୋଇନଥାଏ।
- ଆନ୍ଥ୍ରାକ୍ସ ସାଧାରଣତଃ ଗରମ ଦିନରେ ଦେଖାଯାଇଥାଏ, କିନ୍ତୁ ଏହା ବର୍ଷର ଯେକୌଣସି ସମୟରେ ଦେଖାଦେଇପାରେ।

**ଆନ୍ଥ୍ରାକ୍ସ କିପରି ବ୍ୟାପେ:**

- ଖାଦ୍ୟ, ନିଶ୍ୱାସପ୍ରଶ୍ୱାସ କିମ୍ୱା କଟିଯାଇଥିବା ଚର୍ମ ମଧ୍ୟ ଦେଇ ଆନ୍ଥ୍ରାକ୍ସ ଜୀବାଣୁ ପ୍ରବେଶ କରି ରୋଗ ସୃଷ୍ଟି କରିପାରେ।
- ଆନ୍ଥ୍ରାକ୍ସ ରୋଗର ବାହକ ସ୍ପୋରଗୁଡ଼ିକ ଅତ୍ୟଧିକ ପ୍ରତିରୋଧକ ଏବଂ ମାଟି, ସଂକ୍ରମିତ ପ୍ରାଣୀଙ୍କ ଲୋମ କିମ୍ୱା କେଶରେ ବର୍ଷ ବର୍ଷ ଧରି ବଞ୍ଚି ରହିଥାନ୍ତି।
- ସାଧାରଣତଃ ପଶୁମାନେ ମାଟି କିମ୍ୱା ଖାଦ୍ୟରେ ଥିବା ସ୍ପୋର ଖାଇବା ଦ୍ୱାରା ସଂକ୍ରମିତ ହୁଅନ୍ତି।
- ସଂକ୍ରମିତ ପ୍ରାଣୀଙ୍କ ରକ୍ତର ସଂସ୍ପର୍ଶରେ ଆସୁଥିବା କୀଟ ଓ ଅନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ମଧ୍ୟ ଆନ୍ଥ୍ରାକ୍ସ ବ୍ୟାପିଥାଏ।
- ସଂକ୍ରମିତ ପଶୁଙ୍କ ମାଂସ ଖାଇବା ଦ୍ୱାରା ଏହି ରୋଗ ମଣିଷକୁ ବ୍ୟାପେ।

**କ'ଣ କରିବେ ?**

- ମୃତ ପଶୁମାନଙ୍କୁ ନିଆଁରେ ପୋଡ଼ି ନଷ୍ଟ କରନ୍ତୁ କିମ୍ୱା ବିକଳ୍ପ ଭାବେ ଚୂନ ସହ ଗଭୀର ଗାତ ଖୋଳି ପୋତି ଦିଅନ୍ତୁ।
- ଶବକୁ ଏଣେ ତେଣେ ପକାନ୍ତୁ ନାହିଁ। ଅମ୍ଳଜାନ ସଂସ୍ପର୍ଶରେ ଆସି ଏହା ଆନ୍ଥ୍ରାକ୍ସ ଜୀବାଣୁର ସ୍ପୋର ସୃଷ୍ଟି କରିଥାଏ।
- ସୁସ୍ଥ ଥିବା ସମସ୍ତ ପଶୁଙ୍କୁ ଆନ୍ଥ୍ରାକ୍ସ ବିରୁଦ୍ଧରେ ଟିକାକରଣର ବ୍ୟବସ୍ଥା କରନ୍ତୁ ଏବଂ ଆକ୍ରାନ୍ତ ଓ ମୃତ ପଶୁ ରହିଥିବା ସ୍ଥାନକୁ ତୁରନ୍ତ ବିଶୋଧନ କରନ୍ତୁ।
- ପଶୁମାନଙ୍କ ଟିକାକରଣ ଓ ସଂକ୍ରମିତ ସ୍ଥାନ ବିଶୋଧନ ନହେବା ପର୍ଯ୍ୟନ୍ତ ସଂକ୍ରମିତ ସ୍ଥାନକୁ ଅନ୍ୟ ପଶୁ ଓ ବ୍ୟକ୍ତିବିଶେଷଙ୍କୁ ଛାଡ଼ନ୍ତୁ ନାହିଁ।
- ଗୃହପାଳିତ ପଶୁଙ୍କ ରହିବା ସ୍ଥାନକୁ ସଫାସୁତୁରା ରଖିବା ସହ କୀଟପତଙ୍ଗ ଏବଂ ମୂଷା ଆଦି ନିୟନ୍ତ୍ରଣ କରିବା ପାଇଁ ବିଶୋଧକ ପ୍ରୟୋଗ କରନ୍ତୁ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**